ISSN -2583-147X(P), Vol.- 8, Issue No. II, April 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଗ୍ରାମ୍ୟ ଜୀବନରେ ଜଗତୀକରଣର ପ୍ରଭାବ : ଓଡ଼ିଆ କବିତା

*ବର୍ଷାରାଣୀ ଗଜେନ୍ଦ୍ର*

ବିଶ୍ୱ ଅର୍ଥନୀତି ସହିତ ଜାତୀୟ ଅର୍ଥନୀତିର ଏକୀକରଣ ପ୍ରକ୍ରିୟାକୁ ଜଗତୀକରଣ ପ୍ରତିପାଦିତ କରିଥାଏ । ଏହି ଜଗତୀକରଣ ଦେଶର ଅର୍ଥନୀତି ଏବଂ ସଂସ୍କୃତିର ପାରସ୍ପରିକ ନିର୍ଭରଶୀଳତାକୁ ଚିତ୍ରିତ କରିଥାଏ । ଏହା ସୀମା ବାଣିଜ୍ୟ, ପୁଞ୍ଜିବିନିଯୋଗ, ଜ୍ଞାନର ଆଦାନପ୍ରଦାନ, ପ୍ରଯୁକ୍ତିବିଦ୍ୟାର ଆଦାନପ୍ରଦାନ ଏବଂ ସୂଚନା ପ୍ରବାହକୁ ବୃଦ୍ଧି କରିଥାଏ । ଜଗତୀକରଣର ଅର୍ଥ ହେଉଛି ବିଦେଶର ବଡ଼ ବଡ଼ କମ୍ପାନୀମାନଙ୍କୁ ନିଜ ଦେଶରେ ବ୍ୟବସାୟ କରିବା ପାଇଁ ସୁଯୋଗ ଦେବା ଏବଂ ନିଜ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ବିଦେଶରେ ନିଜର ବ୍ୟବସାୟ କରିବା । ଗୋଟିଏ ବାକ୍ୟରେ କହିବାକୁ ଗଲେ ଜଗତୀକରଣ ହେଉଛି ଗୋଟିଏ ଦେଶର ଅର୍ଥନୀତିକୁ ନେଇ ବିଶ୍ୱ ଅର୍ଥନୀତି ସହିତ ଯୋଡ଼ିବା । ଭାରତବର୍ଷରେ ଏହି ଜଗତୀକରଣ ୧୯୯୧ ମସିହା ପରଠାରୁ ବିଭିନ୍ନ ମାଧ୍ୟମ ଦେଇ ଜନଜୀବନ ଭିତରକୁ ଅଗ୍ରସର ହେବାକୁ ଲାଗିଛି । ଜଗତୀକରଣ ଫଳରେ ବିମୁକ୍ତ ବିଶ୍ୱବାଣିଜ୍ୟ, ଦ୍ରୁତ ଶିଳ୍ପାୟନ, ଟାଟା, ବିର୍ଲା, ଭୂଷଣ, ମିତ୍ତଲ, ଜିନ୍ଦଲ, ପୋସ୍କୋ ପରି ଶିଳ୍ପପତିମାନଙ୍କ ଆଧିପତ୍ୟ ଆମ ଦେଶରେ କ୍ରମେ ବଢ଼ିବଢ଼ି ଚାଲିଛି । ଏହାର ପ୍ରଭାବରେ ଏକବିଂଶ ଶତାବ୍ଦୀର ଶିଳ୍ପ, ବିଜ୍ଞାନ, ଶିକ୍ଷା, ଅର୍ଥନୀତି, କୃଷି, ରାଜନୀତି, ସାହିତ୍ୟ, ସମାଜ ତଥା ସଂସ୍କୃତି କ୍ଷେତ୍ରରେ ଗଭୀର ପରିବର୍ତ୍ତନ ଦେଖାଦେଇଛି । ଓଡ଼ିଆ କବିତା ମଧ୍ୟ ଏହି ଜଗତୀକରଣ ପ୍ରଭାବରୁ ମୁକ୍ତି ପାଇନାହିଁ । ଜଗତୀକରଣ ପ୍ରଭାବରେ ଘଟୁଥିବା ବିଭିନ୍ନ ପରିବର୍ତ୍ତନ ଓ ସମସ୍ୟାଗୁଡ଼ିକୁ ନେଇ କବିମାନେ କବିତା ରଚନା କରୁଛନ୍ତି । ଗ୍ରାମ୍ୟ ଜୀବନ ବା ଗ୍ରାମ୍ୟ ସଂସ୍କୃତିରେ ଯେଉଁସବୁ ପରିବର୍ତ୍ତନ ଘଟୁଛି ତାହା ସାଂପ୍ରତିକ ସମୟର କବିତାରେ ପ୍ରତି'ଳିତ । ଗ୍ରାମ୍ୟ ଜୀବନ ଉପରେ ଜଗତୀକରଣର ବହୁମୁଖୀ ପ୍ରଭାବକୁ କବିମାନେ ତାଙ୍କ କବିତା ମାଧ୍ୟମରେ ଦର୍ଶାଇବା ସହ ସଚେତନତା ସୃଷ୍ଟି କରୁଛନ୍ତି ।

ଗାଁ କଥା କହିଲେ ଆଖିରେ ଭାସିଯାଏ ଗୋଟେ ସବୁଜ ଶ୍ୟାମଳ ସୁନ୍ଦର ପରିବେଶ । ମନେପଡ଼େ ଗାଁ ଆମ୍ବତୋଟା, ଧାନକ୍ଷେତ, ପୋଖରୀତୁଠ, ଦୋଳଯାତ୍ରା ଆଦି ନାନା ପର୍ବପର୍ବାଣୀ । ମାତ୍ର ଜଗତୀକରଣ ଫଳରେ ଏକବିଂଶ ଶତାବ୍ଦୀରେ ଗାଁ ଆଉ ଗାଁ ହୋଇ ରହିନାହିଁ । ଗାଁ କଙ୍କାଳ ଉପରେ ଠିଆ ହୋଇଛି ଏକ ଛୋଟ ସହର । ଗାଁରେ ବର୍ତ୍ତମାନ ସବୁପ୍ରକାର ସୁବିଧା ଉପଲବ୍ଧ । ଗାଁ ରାସ୍ତା ଆଉ ମାଟି ହୋଇ ନାହିଁ ପକ୍କା ହେଲାଣି । ଦୁଆର ମୁହଁରୁ ଲୋକେ ବସରେ ଉଠି କଟକରୁ କାମସାରି ସନ୍ଧ୍ୟା ପୂର୍ବରୁ ଘରେ ପହଞ୍ଚିଲେଣି । ଗାଁ ଦୋକାନରେ ଏକା ସାଙ୍ଗରେ ଆଳୁ ପିଆଜ ସହିତ କଣ୍ଡମ୍ ଓ କୋକାକୋଲା ମିଳିଲାଣି । ମିଳିଲାଣି ମଧ୍ୟ ଗାଁରେ ବିଦେଶୀ ମଦ । ଚୋରା କାରବାର ସହିତ ସରକାରଙ୍କୁ ଟ୍ୟାକ୍ସ ଦେଇ ଗାଁମୁଣ୍ଡ ବରଗଛ ତାଳ ଖୋଲିଲାଣି ଠିପି ଖୋଲା ବିଦେଶୀ ମଦ ଦୋକାନ । ଦିଲୀପ କୁମାର ସ୍ୱାଇଁଙ୍କ 'ଆମ ଗାଁର ଚିତ୍ର' କବିତାରୁ ଗୋଟିଏ ପଙ୍କ୍ତି ଏହିପରି –

"ଗାଆଁ କେବିନ୍‌ରେ ଏକତ୍ର ମିଳୁଛି
ମନ ଓ ମହାପ୍ରସାଦ
କଣ୍ଡୋମ ଓ କୋକାକୋଲା
ବ୍ଲୁସିଡ଼ି ଓ ବକ୍ଷୋଜ ବିକାଶ ତୈଳ
ଦିନରେ ଭାଙ୍ଗ
ରାତିରେ ରଙ୍ଗ
ଆନନ୍ଦେ ଏକବାର ହରିବୋଲ ।"
(ଧାନଫୁଲ କାନଫୁଲ, ଦିଲୀପ କୁମାର ସ୍ୱାଇଁ)

ଜଗତୀକରଣ ଆଁ ଭିତରେ ଗ୍ରାମ୍ୟ ସଂସ୍କୃତି କିଭଳି ନିଜର ମୌଳିକତା ହରାଇସାରିଲାଣି ତା'ର ଏକ ଚିତ୍ର ଏଥିରେ ଦିଆଯାଇଛି । ଗାଁ'ରେ ଆଉ ଚାଟଶାଳୀ ନାହିଁ, ବିଭିନ୍ନ ପ୍ରକାର ଇଂରାଜୀ ମିଡ଼ିୟମ ସ୍କୁଲ ଅଣ୍ଡା ଫୁଟେଇଲେଣି ଗାଁମାନଙ୍କରେ, ଝିଅମାନେ ହାଇହିଲ ସାଙ୍ଗକୁ ଓଠରେ ଲିପ୍‌ଷ୍ଟିକ୍ ମାରି, ବବ୍‌କାଟି, ଚୁଟିଛାଡ଼ି ସ୍କୁଟି ଚଢ଼ି କଲେଜ ଗଲେଣି । ପୁଅଝିଅ ମିଶି ସିନେମା ଯିବାବି ପୁରୁଣା ହେଲାଣି । ବର୍ତ୍ତମାନ ଗାଁର ବଡ଼ ପୋଖରୀ ଏକ ଛୋଟ ଗାଡ଼ିଆ । ଧୋବାତୁଠ ସପନ ପରି ଲାଗିଲାଣି ଆମ ଉତ୍ତର-ଦାୟଦମାନଙ୍କୁ । କେବଳ ସହରରେ ଯେ ଅପମିଶ୍ରଣ ଖାଦ୍ୟ ମିଳୁଥିଲା ତା ନୁହେଁ, ଗାଁରେ ମଧ୍ୟ ସେସବୁ ଖାଦ୍ୟ ମିଳିଲାଣି । ଜଗତୀକରଣ ଫଳରେ ଗାଁରେ ଆସିଥିବା ଏହିସବୁ ପରିବର୍ତ୍ତନକୁ ପ୍ରଫୁଲ୍ଲ କୁମାର ମିଶ୍ର ତାଙ୍କର 'ଦୂର ଗାଁ' କବିତା ସଂକଳନର ଅନେକ କବିତାରେ ଦର୍ଶାଇଛନ୍ତି । ଯେମିତିକି 'ଦୂର ଗାଁରେ ଚାଷୀ ମୂଲିଆ', 'ଦୂର ଗାଁ ଦୁଃଖ', 'ଦୂର ଗାଁ'ରେ ବିଲଡ଼ର ପଶିଛି', 'ଦୂର ଗାଁ ସାଧୁଙ୍କର ମେଳ', 'ଦୂର ଗାଁ ଗୀତନାଚ ପିଜା ଓ ବର୍ଗର', 'ଦୂର ଗାଁ ଠକଦଳ', 'ଦୂର ଗାଁ ସଂଜବେଳ' ପ୍ରଭୃତି କବିତାରେ । ଯେଉଁ ବିଦେଶୀ ଖାଦ୍ୟ ପିଜା, ବର୍ଗର, ଚାଓମିନ୍, ମୋମୋ ଦିନେ ସହରୀମାନଙ୍କର ପ୍ରିୟ ଖାଦ୍ୟ ପାଲଟିଥିଲା ତାହା ଏବେ ଗାଁରେ ଦୋକାନ ଖୋଲାଯାଇ ବିକ୍ରି ହେଲାଣି । ଯେମିତିକି

"ସବୁ ଦୂରତାକୁ ଧ୍ୱଂସକରି

ମାଡ଼ିଋଲେ ବୈଶ୍ୱୀକରଣ ରାକ୍ଷସ
ସବୁ ମୌଳିକତାକୁ ତା'ର
ବଡ଼ ବଡ଼ ବୁଲଡ଼ୋଜର ପାଦରେ ଦଳି ମକଚି
ମଡ଼ାଇ ଋଲେ ପିଜା, ବର୍ଗର, ଜିନ୍ ହ୍ୟୁସ୍କିର
ଫେଣ୍ଟାଫେଣ୍ଟି ବାର୍‌ରେ ।" (ଦୂର ଗାଁ ଗୀତନାଚ ପିଜା ଓ ବର୍ଗର, ପ୍ରଫୁଲ କୁମାର ମିଶ୍ର)

ଜଗତୀକରଣ ଆସିବା ପରେ ଭାରତୀୟ ଜୀବନଧାରାରେ ଯେଉଁ ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପରିବର୍ତ୍ତନ ଆସିଲା ତାହା ସହରୀ ସଭ୍ୟତା ଭିତରେ ସୀମିତ ଥିଲା । ମାତ୍ର ଏକବିଂଶ ଶତାବ୍ଦୀବେଳକୁ ଜଗତୀକରଣ, ଉଦାରୀକରଣ, ବଜାରୀକରଣ ଏତେ ମାତ୍ରାରେ କାୟାବିସ୍ତାର କଲା ଯେ ତାହା ଆଉ ସହରୀ ସଭ୍ୟତା ଭିତରେ ସୀମିତ ନ ରହି ଓଡ଼ିଶାର ନିପଟ ମଫସଲ ଗାଁମାନଙ୍କୁ ସଂପ୍ରସାରିତ ହେବାକୁ ଲାଗିଲା । ଜଗତୀକରଣ ଦ୍ୱାରା ଗାଁ ଓ ସହର ମଧ୍ୟରେ ଯେଉଁ ଆକାଶ ପାତାଳ ତଫାତ୍ ଥିଲା ତାହା କମିଗଲା । ଗାଁ ଭିତରେ ସହର ଓ ଯନ୍ତ୍ରଶିଳ୍ପର ଅବାଧ ପ୍ରବେଶ ଫଳରେ ଗାଁର ମାଟି କାନ୍ଥରୁ ମାଟି ଛାଡ଼ି ପଲସ୍ତରା ହେଲା । ଋଳଘର ଭାଙ୍ଗି କୋଠାଘର କରାଗଲା । ଗାଁ ଖାଲି ବଞ୍ଚିରହିଲା କବିର ସ୍ମୃତିରେ । ହୃଷିକେଶ ମଲ୍ଲିକଙ୍କ 'ଜେଜେ ଦେଖିନଥିବା ଭାରତବର୍ଷ' କବିତା ସଂକଳନର 'ଗାଁ ଗାଁ ନଥିଲା', ଶତ୍ରୁଘ୍ନ ପାଣ୍ଡବଙ୍କ 'ମୂଳବସନ୍ତ', ମନୋଜ କୁମାର ପଣ୍ଡାଙ୍କ 'ଭୋକର ଗାଁ', ମମତାମୟୀ ଚୌଧୁରୀଙ୍କ 'ଘର', 'ବେଘର', ଭାରତ ମାଝିଙ୍କର 'ଲକ୍ଷ୍ମୀନାନୀ', ବିରଜା ବଳଙ୍କର 'ଜଗତୀକରଣ ଗାଁ' ପ୍ରଭୃତି କବିତାରେ ବଦଳିଯାଉଥିବା ଗାଁର ନକ୍ସା ଦେଖିବାକୁ ପାଉ । ହୃଷିକେଶ ମଲ୍ଲିକଙ୍କ ଭାଷାରେ –

"ଗାଁ ଆଉ ଗାଁ ନଥିଲା
ଭୁଜାଲି ହୋଇ ଚମକୁଥିଲା ଜହ୍ନରାତିରେ
ଇନ୍ଦିରାବାସ ହୋଇ
ତକେଇଥିଲା ଛୋଟ ଖଣ୍ଡିଏ ଦରଖାସ୍ତରେ ।"
(ଗାଁ ଗାଁ ନଥିଲା, ହୃଷିକେଶ ମଲ୍ଲିକ)

ଗାଁର ଅର୍ଥନୈତିକ ଚିତ୍ରକୁ ଜୀବନ୍ତ ଭାବରେ କବି ହୃଷିକେଶ ମଲ୍ଲିକ ତୋଳି ଧରିଛନ୍ତି ତାଙ୍କ କବିତାରେ । ଗାଁ'ରେ ସହରୀ ସଭ୍ୟତା ବସାବାନ୍ଧିବା ଦ୍ୱାରା ଗ୍ରାମ୍ୟ ଜୀବନଧାରାରେ ପରିବର୍ତ୍ତନ ଆସିଛି । ଗାଁର ଯୁବକ ଯୁବତୀମାନେ ଏହି ସହରୀସଭ୍ୟତା ପାଖରେ ବନ୍ଧା । ଗାଁ ଏବେ କୋଉ ପରୀରାଇଜ କାହାଣୀଠାରୁ ମଧ୍ୟ କମ ନୁହେଁ । ପରୀରାଇଜର ରାଜକୁମାର କଳାଘୋଡ଼ା, ଧଳାଘୋଡ଼ା ଚଢ଼ି ଆସିବ ଆଉ ରାଜକୁମାରୀକୁ ନେଇଯିବା ଘଟଣା ଏବେ ସତ ହୋଇଛି । ଗାଁ'ର ଟୋକାଦଳ ଏବେ ତ ନିଜକୁ କେଉଁ ରାଜକୁମାରଠାରୁ କମ୍ ବୋଲି ଭାବୁଛନ୍ତି କି ? 'ଦୂର ଗାଁ ପରୀରାଇଜ' କାହାଣୀ କବିତାର ଗୋଟିଏ ପଙ୍‌କ୍ତି ହେଉଛି –

"ଏବେ ଖାଲି ଟୋକାଦଳ
ମୋଟର ସାଇକେଲରେ ଚଢ଼ି
ଲୋଭାଇ ସାଙ୍ଗେ ନିଅନ୍ତି
ଆମ ଗାଁ ସୁକୁମାରୀଙ୍କୁ
ନଙ୍ଗଳା ଫଟୋ ଉଠାଇ
ଛାଡ଼ି ଦେଇ ଯାଇଥାନ୍ତି
ମନଇଚ୍ଛା ଡରାଇ ଥରାଇ ଭୋଗ କରିବାକୁ ।"
(ଦୂର ଗାଁ ପରୀରାଇଜ କାହାଣୀ, ପ୍ରଫୁଲ୍ଲ କୁମାର ମିଶ୍ର)

ଜଗତୀକରଣ ଫଳରେ ଉପଭୋକ୍ତାବାଦ ଗାଁରେ ସୃଷ୍ଟି କରିଛି ନୂଆ ନୂଆ ଦୁଃଖ । ଗାଁ'ର ଯୁବକ ଆଉ ବିଲରେ ଋଷ କାମ କରିବାପାଇଁ ଋହୁଁନାହିଁ । ନିଜର କୌଳିକ ବୃତ୍ତିକୁ ଆପଣେଇନେବା ପାଇଁ ସେ ଯେମିତି କୁଣ୍ଠାବୋଧ କରୁଛି । ଋଷ କରିବା ଅପେକ୍ଷା ସେ କେରଳ, ସୁରଟ, ମୁମ୍ବାଇ, ଦିଲ୍ଲୀ ପ୍ରଭୃତି ସହରକୁ ଯିବାରେ ନିଜର ଆତ୍ମସମ୍ମାନ ଫେରିପାଇବ ବୋଲି ଭାବୁଛି । ଦିଲୀପ କୁମାର ସ୍ୱାଇଁ ତାଙ୍କର 'ବିସ୍ଥାପନ ପାଇଁ ବିଜ୍ଞାପନ' କବିତାରେ ପରିବାରର ପିତାପୁତ୍ର ମଧ୍ୟରେ ଥିବା ଦୂରତ୍ୱକୁ ଦେଖାଇଛନ୍ତି । ବାପ ବିସ୍ଥାପନକୁ ବିରୋଧ କରୁଥିବାବେଳେ ପୁଅ କେମିତି ବିସ୍ଥାପନ ସପକ୍ଷବାଦୀ ଦଳର ସଦସ୍ୟ ସାଜିଛି ତା'ର ଚିତ୍ର ଏହିପରି –

"ବାପ ବିସ୍ଥାପନ ବିରୋଧୀ ଜନମଞ୍ଚର ସଂପାଦକ
ପୁଅ ସପକ୍ଷବାଦୀଙ୍କ ସଦସ୍ୟ
× × ×
ଏକଥା କ'ଣ ପୁଅ ବୁଝେ
ମାଟି ମୁଠାକୁ ଟଙ୍କା ମୁଠାଏ
ମାଟି ବଦଳରେ ଲୋଡ଼ା କଙ୍କ୍ରିଟ୍ ଆଭିଜାତ୍ୟ ।"
(ବିସ୍ଥାପନ ପାଇଁ ବିଜ୍ଞାପନ, ଦିଲୀପ କୁମାର ସ୍ୱାଇଁ)

ଜଗତୀକରଣ ଋଷୀର ଜୀବନକୁ କେତେ ଲୁହମୟ, ଗାଁର ଅବସ୍ଥାକୁ କେତେ ଅସହାୟ କରି ଦେଇଛି ତାହା ଦିଲୀପ କୁମାର ସ୍ୱାଇଁଙ୍କର 'ହଳିଆ ଗୀତ', 'ଗୋଟିଏ ଚଷାଘରର ଦୃଶ୍ୟ', 'ମରିଯାଇଥିବା ଋଷୀ ପାଇଁ', 'ଉଜୁଡ଼ା କ୍ଷେତ', 'ବାପା ଆଉ ତୁମେ କାନ୍ଦନା', 'ଆମ ଗାଁ'ର ଚିତ୍ର', 'ହାତୀ ଖାଇଗଲା ପାଚିଲା ଧାନ' ପ୍ରଭୃତି କବିତାରେ ଚିତ୍ରିତ । ଋଷୀର ଯନ୍ତ୍ରଣା, ତା'ର ସ୍ୱପ୍ନଭଙ୍ଗ ଏହିସବୁ କବିତାରୁ ଲକ୍ଷ୍ୟ କରାଯାଇପାରିବ । ଉନ୍ନତ ଯନ୍ତ୍ରପାତିର ବ୍ୟବହାର କରି ଋଷୀଟିଏ ଅଧିକ ଉତ୍ପାଦନ କରିବାକୁ ସକ୍ଷମ ହେଉଥିବାବେଳେ ଅନ୍ୟ ପକ୍ଷରେ ବହୁଳ ମାତ୍ରାରେ ଶିଳ୍ପ ଓ କଳକାରଖାନା ବୃଦ୍ଧି ଯୋଗୁଁ ଋଷୀଟିଏ ତା ବିଲକୁ ପାଣି ନ ପାଇ ଘୋର ସଂକଟର ସମ୍ମୁଖୀନ ହେଉଛି । ଫଳରେ ଋଷୀ ଆତ୍ମହତ୍ୟା ବୃଦ୍ଧି ପାଉଛି । ଶତ୍ରୁଘ୍ନ ପାଣ୍ଡବଙ୍କ 'ଋଷୀ ଆତ୍ମହତ୍ୟା କଲାବେଳେ', ଦିଲୀପ କୁମାର ସ୍ୱାଇଁଙ୍କର 'ମରିଯାଇଥିବା ଋଷୀପାଇଁ', ତୁହିନାଂଶୁ ରଥଙ୍କର 'ଉଭିଦଗର୍ଭ', ବିରଜାବଳଙ୍କର 'ବିରଳ ପ୍ରଜାତି' ପ୍ରଭୃତି କବିତାରେ ଋଷୀ ଆତ୍ମହତ୍ୟାର ଚିତ୍ର ଦିଆଯାଇଛି । ବିରାଜ ବାଳଙ୍କ ଭାଷାରେ –

"ପାଳ ଦଉଡ଼ିରେ ଝୁଲିପଡ଼ିଛି ଜଣେ ଋଷୀ
ପାଦତଳେ ଫାଟି ଆଁ କରିଛି ମାଟି
କ୍ଷେତକୁ ବଞ୍ଚାଇବା ପାଇଁ
ଗରା, ମାଣ୍ଡିଆ, ସିନ୍ଦୁକ ବିକ୍ରି କଲାପରେ
ଶେଷରେ କ୍ଷେତ ମୂଳକୁ ପାଣି ନାହିଁ ।"
(ବିରଳ ପ୍ରଜାତି, ବିରଜା ବଳ)

ଉପଭୋକ୍ତାବାଦୀ ସଂସ୍କୃତିର ଅର୍ଥଲାଳସା ଓ ଚକଚକ୍ୟ ଆରାମଦାୟକ ଜୀବନ ପାଖରେ ପ୍ରକୃତି, ସ୍ନେହପ୍ରୀତି, ସବୁକିଛି ଯେମିତି ବନ୍ଧା ପଡ଼ିଯାଇଛି । ଗାଁରେ ଆଉ ଯାତ୍ରା ଦଳ ନାହିଁ କି ଧୁଡୁକି ନାଚର ସ୍ୱର ଆଉ ଶୁଭୁନାହିଁ । ଦଣ୍ଡନାଚ, ରାମନାଟକ, ସପ୍ତାଙ୍ଗ, ଖଞ୍ଜଣି ଭଜନ ଏକବିଂଶ ଶତାବ୍ଦୀର ଗାଁରେ ଦେଖିବା ସପନ ହୋଇପଡ଼ିଛି । ପ୍ରତି ଗାଁରେ ତ ଏବେ ମେଲୋଡ଼ିର କର୍କଶସ୍ୱର ଯୁବଗୋଷ୍ଠୀଙ୍କୁ ଆନନ୍ଦପ୍ରଦାନ କରୁଛି । ଏକବିଂଶ ଶତାବ୍ଦୀର ଗାଁର ସଂସ୍କୃତି ଏକ ସାଂସ୍କୃତିକ ପୃଷ୍ଠଭୂମି ଉପରେ ପାଦ ଥାପିଛି । ଫଳରେ ଗାଁ'ଟା ଗୋଟେ ଛୋଟ ସହରରେ ପରିଣତ ହୋଇଛି ।

**ସହାୟକ ଗ୍ରନ୍ଥସୂଚୀ :**


୧. ମିଶ୍ର, ବୈଦ୍ୟନାଥ : ଜଗତୀକରଣ ଓ ପରିବେଶ, ପ୍ରଥମ ସଂସ୍କରଣ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ,-୭୫୩୦୦୨, ୨୦୧୦

୨. ମିଶ୍ର, ଚିତ୍ତରଂଜନ : ସାଂପ୍ରତିକ ସାହିତ୍ୟ ଓ ତତ୍ତ୍ୱ ବିଚାର, ପ୍ରଥମ ସଂସ୍କରଣ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨, ୨୦୧୫

୩. ସ୍ୱାଇଁ, ଦିଲୀପ କୁମାର : ବିଦଗ୍ଧ କାବ୍ୟବୋଧ, ପ୍ରଥମ ସଂସ୍କରଣ, ବିଜୟନୀ ପବ୍ଲିକେସନସ୍, ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ-୧୨, ୨୦୧୮



**ଗବେଷିକା**
ଜାମ୍‌ସେଦ୍‌ପୁର ମହିଳା ବିଶ୍ୱବିଦ୍ୟାଳୟ
ଜାମ୍‌ସେଦ୍‌ପୁର, ଝାଡ଼ଖଣ୍ଡ